# 11th round of Foreign Office Consultations between India and Estonia

November 26, 2021

## ଭାରତ ଓ ଇସ୍ତୋନିଆ ମଧ୍ୟରେ 11 ତମ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

ନଭେମ୍ବର 26, 2021

ଭାରତ ଏବଂ ଇସ୍ତୋନିଆ ମଧ୍ୟରେ ଏକାଦଶ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ 25 ନଭେମ୍ବର 2021 ରେ ତାଲ୍ଲିନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ଶ୍ରୀମତୀ ରୀନାତ୍ ସାନ୍ଧୁ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିବାବେଳେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅଧୀନସ୍ଥ ରାଜନୈତିକ ବ୍ୟାପାର ବିଭାଗର ଅନୁସଚିବ ଶ୍ରୀ ରେନ୍ ତାମସାର ଇସ୍ତୋନିଆ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

2. ଏହି ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଏକ ସମୟରେ ଅନୁଷ୍ଠିତ ହୋଇଛି ଯେତେବେଳେ ଭାରତ ଓ ଇସ୍ତୋନିଆ ମଧ୍ୟରେ କୂଟନୈତିକ ସମ୍ପର୍କର 30 ବର୍ଷ ପୂର୍ତ୍ତି ପାଳନ ହେଉଛି ଏବଂ ଉଭୟ ଦେଶ ମଧ୍ୟ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଅଟନ୍ତି। ତାଲ୍ଲିନଠାରେ ଏକ ବାସିନ୍ଦା ମିଶନ ଖୋଲିବାକୁ ଭାରତର ନିଷ୍ପତ୍ତିକୁ ଇସ୍ତୋନିଆ ଦଳ ସ୍ୱାଗତ କରିଥିଲେ ଏବଂ ଏହାର ଶୀଘ୍ର ଉଦଘାଟନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ସ୍ୱାଧୀନତାର 75 ବର୍ଷ ପୂର୍ତ୍ତି ପାଇଁ ସେମାନେ ଭାରତକୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ।  ଉଭୟ କୋଭିଶିଲ୍ଡ ଓ କୋଭାକ୍ସିନ ଏବଂ ଭାରତୀୟ ଟିକାକରଣ ପ୍ରମାଣପତ୍ରକୁ ସ୍ୱୀକୃତି ଦେଇଥିବା ପ୍ରଥମ ଦେଶମାନଙ୍କ ମଧ୍ୟରେ ଥିବାରୁ ଇସ୍ତୋନିଆକୁ ଭାରତ ନିଜର କୃତଜ୍ଞତା ଜଣାଇଥିଲା।

3. ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗକୁ ସମୀକ୍ଷା କରିବା ପାଇଁ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଏକ ସୁଯୋଗ ପ୍ରଦାନ କରିଥିଲା। ବିଭିନ୍ନ କ୍ଷେତ୍ରରେ ଆମର ସହଭାଗୀତାର ସକରାତ୍ମକ ପଥକୁ ଉଭୟ ପକ୍ଷ ସନ୍ତୁଷ୍ଟିର ସହିତ ଉଲ୍ଲେଖ କରିଥିଲେ। ସାଇବର ସୁରକ୍ଷା ଓ ଡିଜିଟାଲାଇଜେସନ୍, ଡାଟା ସୁରକ୍ଷା ଏବଂ ଇ-ପ୍ରଶାସନ କ୍ଷେତ୍ରରେ ଚାଲିଥିବା ଓ ଭବିଷ୍ୟତର ସହଯୋଗ ଉପରେ ସେମାନେ ଆଲୋଚନା କରିଥିଲେ। ସାଇବର ସୁରକ୍ଷା ଉପରେ ଏକ ଆଲୋଚନା ପ୍ରକ୍ରିୟା ଆରମ୍ଭ କରିବାର ସମ୍ଭାବନାକୁ ସେମାନେ ଅନୁସନ୍ଧାନ କରିବାକୁ ସହମତ ହୋଇଥିଲେ। ସ୍ୱାସ୍ଥ୍ୟ ପ୍ରଯୁକ୍ତିବିଦ୍ୟା, ଗବେଷଣା ଓ ନବସୃଜନ, ଶିକ୍ଷା ଓ ଷ୍ଟାର୍ଟଅପ୍ ପରି ନୂତନ ତଥା ଉଦୀୟମାନ କ୍ଷେତ୍ରଗୁଡିକ ଅନୁସନ୍ଧାନ କରିବାକୁ ସେମାନେ ସହମତ ହୋଇଥିଲେ। ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାର ଆବଶ୍ୟକତା ଏବଂ ସଂସ୍କୃତି, ଚଳଚ୍ଚିତ୍ର ଏବଂ ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଉଭୟ ପକ୍ଷ ସହମତ ହୋଇଥିଲେ।

4. ଆଫଗାନିସ୍ତାନ, ଭାରତ-ପ୍ରଶାନ୍ତ ମହାସାଗର ଏବଂ ଭାରତ-ୟୁରୋପୀୟ ସଂଘ ସହଭାଗୀତା ସମେତ ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ।  ମିଳିତ ଜାତିସଂଘ ଓ ଅନ୍ୟ ବହୁପକ୍ଷୀୟ ମଞ୍ଚରେ ସହଯୋଗ ବୃଦ୍ଧି କରିବାକୁ ସେମାନେ ସହମତ ହୋଇଥିଲେ।

5. ସଚିବ (ପଶ୍ଚିମ) ଇସ୍ତୋନିଆର ବୈଦେଶିକ ମନ୍ତ୍ରୀ ଶ୍ରୀମତୀ ଇଭା-ମାରିଆ ଲିମେଟସଙ୍କୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବାର ସୁଯୋଗ ଉପରେ ଚର୍ଚ୍ଚା କରିଥିଲେ। ସଚିବ (ପଶ୍ଚିମ) ସଂସଦରେ ବୈଦେଶିକ ବ୍ୟାପାର କମିଟିର ସଭାପତି ଶ୍ରୀ ମାର୍କୋ ମିହକେଲସନ୍ ଓ ସଂସଦର ସଦସ୍ୟ ଶ୍ରୀ ରାଇଭୋ ଟାମ୍ମଙ୍କୁ ମଧ୍ୟ ସାକ୍ଷାତ କରିଥିଲେ ଏବଂ ସଂସଦୀୟ ସହଯୋଗ ଉପରେ ଆଲୋଚନା କରିଥିଲେ ତଥା ପାରସ୍ପରିକ ଆଗ୍ରହର ପ୍ରସଙ୍ଗରେ ମତ ବିନିମୟ କରିଥିଲେ।

**ଟାଲିନ୍ନ**

**ନଭେମ୍ବର 25, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.